ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ୧୨ ଅକ୍ଟୋବର, ୨୦୨୨



**ନ୍ୟୁ ଲୋକେଶ ପାର୍ଲରରେ ଦୋସାରେ ଅସରପା**

ଜୟପୁର, (ନି.ପ୍ର.)- ଜୟପୁର ସହରର ଏମଜି ରୋଡରେ ଥିବା ନ୍ୟୁ ଲୋକେଶ ପାର୍ଲରକୁ ୫ ଦିନ ପାଇଁ ପୌର ପରିଷଦ ସିଲ୍ କରିଦେଇଛି। ମଙ୍ଗଳବାର ଜଣେ ଗ୍ରାହକ ଲୋକେଶ ହୋଟେଲରେ ଦୋସା ଖାଉଥିବା ବେଳେ ସେଥିରୁ ଅସରପା ବାହାରିଥିଲା। ସେ ଏହାର ଫଟୋ ଉଠାଇ ପୌର ଅଧ୍ୟକ୍ଷଙ୍କୁ ଟ୍ୟାଗ କରିଥିଲେ। ଫଳରେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ହୋଟେଲ ଉପରେ ଚଢାଉ କରି ହେଟେଲର ରୋଷେଇ ଶାଳା ଯାଞ୍ଚ କରିଥିଲେ। ହେଟେଲ ପରିସର ଅପରିଷ୍କାର ହୋଇପଡିଥିବା ଦେଖି ହୋଟେଲ ମାଲିକଙ୍କ ଉପରେ ବିରକ୍ତ ପ୍ରକାଶ କରିଥିଲେ। ଦୋସାରୁ ଅସରପା ବାହାରିଥିବାରୁ ହୋଟେଲକୁ ୨୦ ହଜାର ଟଙ୍କା ଜରିମାନା କରିଥିଲେ। ଯଦି ହୋଟେଲ ମାଲିକ ଚାହିଁବେ ଲିଖିତ ଭାବେ ପୌର କାର୍ଯ୍ୟାଳୟକୁ ଦେଲେ ରୋଶେଇ ଶାଳା ମରାମତି କରିବାକୁ ଅନୁମତି ପ୍ରଦାନ କରାଯିବ।

## ସଂକ୍ଷେପରେ

### ମଦ ଚାଲାଣ ବେଳେ ୨ ଗିରଫ

ଜୟପୁର, ୧୧।୧୦ (ନି.ପ୍ର.)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଜଣେ ମହିଳାଙ୍କ ସହ ୨ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହାଟପଦାର ଗୋମତି ହରିଜନ ଓ ନୂଆସାହିର ଟି.ସିମାଞ୍ଚଳ। ସେମାନଙ୍କଠାରୁ ଦେଶୀ ମଦ ଜବତ କରାଯାଇଛି।

### ମୁଲାୟମ ସିଂ ଯାଦବଙ୍କ ବିୟୋଗରେ ଶୋକ

ଜୟପୁର,୧୧।୧୦ (ନି.ପ୍ର.)-ମୁଲାୟମ ସିଂ ଯାଦବଙ୍କ ବିୟୋଗରେ ମଙ୍ଗଳବାର ଜୟପୁର ଯାଦବ ଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଯାଦବ ମହାସଭା ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ନବରଙ୍ଗପୁର ଜିଲା ଯାଦବ ମହାସଭା ସଭାପତି କାର୍ତ୍ତିକ ବାଘ ଏବଂ କୋରାପୁଟ ଉପଦେଷ୍ଟା ମୃଷି ମାଣିଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ମଦନ ମୋହନ ନାୟକ, ଉପସଭାପତି ପରମେଶ୍ୱର ପାତ୍ର, ଉପଦେଷ୍ଟା ବାଲା ରାୟ ଉପସ୍ଥିତ ଥିଲେ। ସମ୍ପାଦକ ରାଜେନ୍ଦ୍ର ଗୌଡ଼, ମାଧବ ମହାକୁଡ଼, ପୀତାମ୍ବର ମାଣିଆ, ହାଡ଼ିପା ଗୌଡ଼, ରାମକୃଷ୍ଣ ସାହୁ, ରାଧାମୋହନ ଗୌଡ଼, ରାମ ମହାକୁଡ଼, ଧୀରଜ ଗୌଡ଼, ଜଗନ୍ନାଥ ମହାକୁଡ଼ ପ୍ରମୁଖ ମୁଲାୟମଙ୍କ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଥିଲେ।

### କୋରାପୁଟରେ ୧୭ ବର୍ଷରୁ କମ୍ ବାଳକବାଳିକାଙ୍କୁ ନେଇ ଫୁଟ୍‌ବଲ ଟୁର୍ନାମେଣ୍ଟ

କୋରାପୁଟ,୧୧।୧୦(ସ୍ୱ.ପ୍ର. )-କୋରାପୁଟ ପୋଲିସ ପଡ଼ିଆଠାରେ ଆନ୍ତଃ ବିଦ୍ୟାଳୟ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏପରି ଟୁର୍ନାମେଣ୍ଟ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ଲୋକଲୋଚନକୁ ଆଣିପାରିବ ବୋଲି ସେ ପ୍ରକାଶ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଯୋଗଦେଇ ଉପସ୍ଥିତ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟ ବାଳକ ବିଭାଗରେ ଜିଲାର ୧୨ଟି ଦଳ ଓ ବାଳିକା ବିଭାଗରେ ୬ଟି ଦଳ ସାମିଲ ହୋଇଛନ୍ତି। ଫାଇନାଲ ମ୍ୟାଚ ଆସନ୍ତା ୧୭ ତାରିଖରେ ହେବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚ ନନ୍ଦପୁର- କୋଟପାଡ଼ ମଧ୍ୟରେ ହୋଇଥିବା ମ୍ୟାଚ ଡ୍ର ରହିଥିଲା। ଦ୍ୱିତୀୟ ମ୍ୟାଚରେ ଦଶମନ୍ତପୁର ଟିମ୍ ସେମିଲିଗୁଡ଼ାକୁ ୧-୦ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟକୁ କ୍ରୀଡ଼ା ଶିକ୍ଷକ ଶିଶିର ପାତ୍ର ପରିଚାଳନା କରିଥିଲେ।

### ମାଲକାନଗିରି ବିଧାୟକଙ୍କ କିଡ୍‌ନୀ ପ୍ରତିରୋପଣ ଚିକିତ୍ସା ସଫଳ

ମାଲକାନଗିର,୧୧।୧୦ (ଡି.ଏନ୍.ଏ.)- ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଦୀର୍ଘ ଦୁଇବର୍ଷ ଧରି କଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ହୋଇ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଥିଲା। ଶେଷରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କର କିଡ୍‌ନୀ ପ୍ରତ୍ୟାପୋଣ କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୀର୍ଘ ଏକ ମାସ ଧରି ସେ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଛନ୍ତି। ତାଙ୍କୁ ୬ମାସ ବିଶ୍ରାମ ନେବାପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି।

# ବିଶ୍ୱସନୀୟତା ରଖିଛି ଡାକ ବିଭାଗ

**ଡାକ ବିଭାଗ ଲୋକଙ୍କ ଯୋଗାଯୋଗର ଏକ ମାଧ୍ୟମ ଥିଲା**

କୁନ୍ଦୁରା,୧୧।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡାକ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଡାକ ସପ୍ତାହ ଅବସରରେ ଉପଖଣ୍ଡସ୍ତରୀୟ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାକ ବିଭାଗର ଅତିରିକ୍ତ ଡାକ ଅଧୀକ୍ଷକ ସମରେନ୍ଦ୍ର ସେଠୀ ଯୋଗଦେଇ ଡାକଘରେ ଏବେ ମିଳୁଥିବା ବିଭିନ୍ନ ସେବା ସମ୍ପର୍କରେ ଅବଗତ କରାଇଥିଲେ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସୁବିଧା ଯଥା ଛୋଟ ଛୁଆର ଆଧାର କାର୍ଡଠାରୁ ଆରମ୍ଭ କରି ଅନ୍ତିମ ସମୟର ଆବଶ୍ୟକ ପବିତ୍ର ଗଙ୍ଗାଜଳ ପର୍ଯ୍ୟନ୍ତ ଡାକଘରୁ ମିଳିବା ସୁବିଧା କରାଯାଇଥିବା ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଡାକ ନିରୀକ୍ଷକ ପି. ଦିନେଶ ଯୋଗଦେଇ ଆଜି ଡାକଘରେ ସରକାରଙ୍କ ସମସ୍ତ ସହାୟତା ଯୋଜନାର ଅର୍ଥ ହିତାଧିକାରୀମାନଙ୍କୁ ସହଜରେ ମିଳିବା ବ୍ୟବସ୍ଥା ହୋଇଛି। ଏଥିରେ ଅର୍ଥ ସଞ୍ଚୟ କଲେ ଅଧିକ ସୁଧ ମିଳିବା ସହ ସୁରକ୍ଷିତ ରହିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଅଧ୍ୟାପକ ଡ. ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇ ଭାରତରେ ଡାକ ବ୍ୟବସ୍ଥାର ଇତିହାସ ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ଅବଗତ କରାଇଥିଲେ। ଅତୀତରେ ମୋବାଇଲ ସେବା ଓ ଅନ୍ୟ କୌଣସି ଯୋଗାଯୋଗର ସୁବିଧା ନ ଥିବା ବେଳେ ଡାକ ବିଭାଗ ଲୋକଙ୍କ ମଧ୍ୟରେ ଯୋଗାଯୋଗର ଏକ ମାତ୍ର ମାଧ୍ୟମ ଥିଲା ବୋଲି ସେ ପ୍ରକାଶ କରିଥିଲେ। ଡାକ କର୍ମଚାରୀମାନେ ଖରା,ବର୍ଷା ଓ ଅନ୍ୟାନ୍ୟ ପ୍ରାକୃତିକ ପ୍ରତିକୂଳ ଅବସ୍ଥାକୁ ଖାତିର ନ କରି ଜଣେ ବନ୍ଧୁ ଭାବେ ନିରଳସ ସେବା ଯୋଗାଇବାରେ ଅବହେଳା କରି ନ ଥାଆନ୍ତି ବୋଲି ଡ. ପାଢ଼ୀ କହିଥିଲେ। ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡାକ ବିଭାଗର ବିଭିନ୍ନ କାର୍ଯ୍ୟର ବିଶ୍ୱସନୀୟତାକୁ ପ୍ରଶଂସା କରିଥିଲେ। ସଭାକୁ ଓଭରସିୟର ଆଲୋକ ସାହୁ ପରିଚାଳନା କରିଥିଲେ। ଆଲୋକ ନାଥ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଜୟପୁର ଉପଖଣ୍ଡର ଡାକ ବିଭାଗୀୟ କର୍ମଚାରୀ, ଏସ୍ଏଚ୍‌ଜି ସଭ୍ୟାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ ସଦର ମହକୁମାରେ କାର୍ଯ୍ୟଭାର ବଢ଼ିଥିବାରୁ ଏଠାରେ ଏକ ସବ୍ ପୋଷ୍ଟ ଅଫିସ ପ୍ରତିଷ୍ଠା କରିବାକୁ ଏହି ଅବସରରେ ଦାବି କରାଯାଇଥିଲା। ଏ ସମ୍ପର୍କରେ ଏକ ପ୍ରସ୍ତାବ ଡାକ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଯାଇଥିବା ଡାକ ବିଭାଗୀୟ ଅତିରିକ୍ତ ଅଧୀକ୍ଷକ ସେଠୀ ଓ ନିରୀକ୍ଷକ ପି. ଦିନେଶ ପ୍ରକାଶ କରିଥିଲେ।

## ଶାବର ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା

**କାର୍ତ୍ତିକ ବ୍ରତ ଆରମ୍ଭ**

କୋରାପୁଟ,୧୧।୧୦(ସ୍ୱ.ପ୍ର.)

ଆରମ୍ଭ ହୋଇଛି ପୁଣ୍ୟ ମାସ କାର୍ତ୍ତିକ। ହିନ୍ଦୁଧର୍ମରେ କାର୍ତ୍ତିକ ମାସର ବହୁ ଗୁରୁତ୍ୱ ରହିଛି। ଏହି ଅବସରରେ କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ମାସରେ ହବିଷିଆଳିଙ୍କ ବ୍ରତ ଆରମ୍ଭ ହୋଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ବିନା ଶୁଳ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲ କହିଛନ୍ତି। ମନ୍ଦିର ନିକଟରେ ରହି ମାସ ସାରା ହବିଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ବୟସ୍କା ମହିଳାଙ୍କ ପାଇଁ ସୋମବାର ତଥା କାର୍ତ୍ତିକ ମାସର ପ୍ରଥମ ଦିନରୁ ମନ୍ଦିର ପରିସରରେ ଥିବା ଯାତ୍ରୀ କୁଟିରରେ ବିନା ଶୁଳ୍କରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି। ତେବେ କାର୍ତ୍ତିକ ମାସ ମଧ୍ୟରେ ଯେତେବେଳେ ବି କେହି ହବିଷ କରିବା ପାଇଁ ଏଠାକୁ ଆସିଲେ ତାଙ୍କୁ ଏହାର ସୁବିଧା ମିଳିବ ବୋଲି ସେ କହିଥିଲେ। ଗତ ବର୍ଷଗୁଡ଼ିକରେ ଶ୍ରୀକ୍ଷେତ୍ର ପୁରୀ ଯାଇ ହବିଷ କରୁଥିବାବେଳେ ଚଳିତ ବର୍ଷ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ରହି ହବିଷ କରିବା ଏକ ଅନନ୍ୟ ସୁଯୋଗ ବୋଲି ସେ କହିଥିଲେ। ହବିଷିଆଳିମାନେ ଗୁଆ ନଡ଼ିଆ ବସାଇ ଚଉଁରା ମୂଳେ ରଙ୍ଗବେରଙ୍ଗର ମୁରୁଜ ପକାଇ ପୂଜାର୍ଚ୍ଚନା କରିବା ଏଠାରେ ଅନ୍ୟନ୍ୟ ପରିବେଶ ସୃଷ୍ଟି କରିଛି। ଏହି ମାସରେ ଆମିଷ ଭକ୍ଷଣ ଛାଡ଼ି ଶାକାହାର ଭୋଜନ କରି ଜଗନ୍ନାଥଙ୍କ ଶରଣାପନ୍ନ ହେଲେ କୋଟି ପୁଣ୍ୟ ମିଳିବା ବିଶ୍ୱାସ ରହିଛି ବୋଲି ସାମଲ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଶାବର ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ରହିବା ସହ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ କରାଯାଇଛି।

# ସୀମାନ୍ତରୁ ୨ ମାଓବାଦୀ, ୩ ସମର୍ଥକଙ୍କ ସହ ୫ ଗିରଫ

ମାଲକାନଗିର,୧୧।୧୦ (ଡି.ଏନ୍.ଏ.)

ଗତକାଲିମାଲକାନଗିରି ଜିଲା ସୀମାନ୍ତ ତେଲେଙ୍ଗଣା ପୋଲିସ ୨ଜଣ ମାଓବାଦୀଙ୍କ ସହ ଜଣେ କଂଗ୍ରେସ କର୍ମୀଙ୍କୁ ଗିରଫ କରିଛି। ଏହାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ମଙ୍ଗଳବାର ତେଲେଙ୍ଗଣା ପୋଲିସ ଏନେଇ ସମ୍ପୂର୍ଣ୍ଣ ତଥ୍ୟ ଦେଇଛି। ପୋଲିସ ସୂଚନା ମୁତାବକ ସୀମାନ୍ତ ଛତିଶଗଡ ବିଜାପୁର ଜିଲାର ଭୁପାଲାପଟନମ୍ ବ୍ଲକର କଂଗ୍ରେସ କମିଟି ମୁଖ୍ୟ କର୍ମୀ କେ.ଜି. ସତ୍ୟମ୍ ୨ ମହିଳା ମାଓବାଦୀଙ୍କୁ ଚିକିତ୍ସା ପାଇଁ ତେଲେଙ୍ଗଣା ନେଉଥିଲେ। କୌଣସି ସୂତ୍ରରୁ ତେଲେଙ୍ଗାଣା ହାନାମାକୋଣ୍ଡା ପୋଲିସ ଖବର ପାଇ କେଜି ସତ୍ୟମଙ୍କ ସହ ଉକ୍ତ ୨ ମହିଳା ମାଓବାଦୀଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କ ନିକଟରୁ ୫୦ଟି ଜିଲୋଟିନ୍ ଷ୍ଟିକ୍, ୫୦ଟି ଡିଟୋନେଟର, ୭୪ ହଜାର ଟଙ୍କା, କ୍ରାନ୍ତିକାରୀ ସାହିତ୍ୟ ପତ୍ରିକା, ଗୋଟିଏ ବୋଲେ, ଆଧାର କାର୍ଡ, ଭୋଟର ପରିଚୟ ପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଗିରଫବ୍ୟକ୍ତିଙ୍କ ମଧ୍ୟରେ କଂଗ୍ରେସ ମୁଖ୍ୟ କର୍ମୀ କେ.ଜି. ସତ୍ୟମଙ୍କ ସହ ଦଣ୍ଡକାରଣ୍ୟ ଦକ୍ଷିଣ କ୍ଷେତ୍ରର ମହିଳା ମାଓବାଦୀ ମଡକମ ଉଙ୍ଗୀ ଓରଫ କମଳା, ରାଷ୍ଟ୍ରୀୟ କ୍ଷେତ୍ର ମାଓବାଦୀ ପାର୍ଟିର ଅସମ ସୋହେନ, ମନହାଇ ସଂଘର ଅଧ୍ୟକ୍ଷା ମିକା ଅନିତା, ଆରପିସିର ଅଧ୍ୟକ୍ଷ ଗୁଡ୍ଡୁ ଗୋପାଲ ରହିଥିବା ପୋଲିସ କହିଛି।



ଗିରଫ ହୋଇଥିବା ୫ ମାଓବାଦୀ।

## ଶାରୀରିକ ଅକ୍ଷମ ସଂସ୍ଥା ପରିଦର୍ଶନ କଲେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ



ମାଲକାନଗିରି,୧୧।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାର ବିଭିନ୍ନ ଶାରୀରିକ ଅକ୍ଷମ ସଂସ୍ଥାଗୁଡ଼ିକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ରାକେଶ ମୁଦୁଲି ମଙ୍ଗଳବାର ପରିଦର୍ଶନ କରିଛନ୍ତି। ସେ ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀସ୍ଥିତ ମୁକ୍ତି କିରଣ ଥେରାପି କେନ୍ଦ୍ର ଓ ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡ଼ାସ୍ଥିତ ଇର୍ମା ବାକା ଅନ୍ଧ ମୂକ ବଧିର ବିଦ୍ୟାଳୟ ଗସ୍ତକରି ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ କିପରି ପିଲାମାନେ ଉନ୍ନତ ସେବା ପାଇପାରିବେ, ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ କିପରି ଦୂର ହୋଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ସଂସ୍ଥାଗୁଡ଼ିକରେ ଥିବା ବିଭିନ୍ନ ସମସ୍ୟା ତୁରନ୍ତ ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଆଇନଜୀବୀ ରାଜେଶ ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ସଦସ୍ୟ ରାମଗୋପାଳ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୩୩ ମାମଲା ଶୁଣାଣି କଲେ ଜିଲାପାଳ

ମାଲକାନଗିରି,୧୧।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ପଡ଼ିଆ ସଦର ବ୍ଲକରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଡ଼ିଆ ବିଡିଓ ରାମକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଅଭିଯେଗ ଶୁଣାଣିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝି, ପଡ଼ିଆ ବ୍ଲକ ଅଧ୍ୟକ୍ଷା ଯମୁନା ମୁଚାକିଙ୍କ ସହ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ୩୩ଟି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ରାସ୍ତାଘାଟ ସମସ୍ୟା, ଶିକ୍ଷା, ପାନୀୟ ଜଳ ଭଳି ମୌଳିକ ସମସ୍ୟା ଉପରେ ଅଭିଯୋଗମାନ ଆସିଥିଲା। ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ମତ ଦେଇଥିଲେ।






# ସଙ୍କଟରେ କୋଟିଆ ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ

- ଅଧାରୁ ବସ୍ ସେବା ବନ୍ଦ
- ବିଭିନ୍ନ ଛକରେ ବସ୍‌କୁ ଅପେକ୍ଷାକରି ଫେରିଲେ ଛାତ୍ରୀଛାତ୍ର

ପଟ୍ଟାଙ୍ଗୀ,୧୧।୧୦(ଡି.ଏନ୍.ଏ.)

ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ର କିପରି ଉନ୍ନତ ମାନର ଶିକ୍ଷା ପାଇପାରିବେ ସେନେଇ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ଜିଲାରେ ଶିକ୍ଷା ବିଭାଗ ପାଇଁ ଦାୟିତ୍ୱରେ ଥିବା କେତେଜଣ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ସୀମାନ୍ତ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଦିଗହରା ହେବାକୁ ଲାଗିଛି। ଏହିପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ତଳଗଞ୍ଜେଇ ପଦର ଗ୍ରାମର ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ କ୍ଷେତ୍ରରେ।

ଆନ୍ଧ୍ର ସୀମାନ୍ତରେ ଥିବା ଏହି ପଞ୍ଚାୟତ କୋଟିଆକୁ ନେଇ ସର୍ବଦା ଚର୍ଚ୍ଚାରେ ରହି ଆସିଛି। ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଅନୁପ୍ରବେଶ ନେଇ ଅଧିକାଂଶ ସମୟ ବିବାଦ ଲାଗି ରହିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ତେବେ ଶିକ୍ଷା କ୍ଷେତ୍ରରେ କିପରି ସୀମାନ୍ତ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗତ ଜୁନ୍ ୧୯ରେ ଖୋଲିଥିଲା। ୬୨ ଛାତ୍ରୀଛାତ୍ରଙ୍କୁ ନେଇ ଏଠାରେ ପ୍ରଥମେ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ବିଦ୍ୟାଳୟକୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର କିପରି ସୁବିଧାରେ ବିଦ୍ୟାଳୟରେ ଠିକ୍ ସମୟରେ ପହଞ୍ଚିପାରିବେ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନର ସହଯୋଗରେ ନାଲ୍‌କୋ ପକ୍ଷରୁ ୩ ମାସ ପାଇଁ ଏକ ବସ୍ ସେବା ଜୁଲାଇ ୯ରୁ ଏଠାରେ ଆରମ୍ଭ ହୋଇଥିଲା। ବିଦ୍ୟାଳୟରେ ଛାତ୍ରାବାସ ଖୋଲା ହେବାଯାଏ ବସ୍ ସେବା ଚାଲିବାକୁ ସ୍ଥିର ହୋଇଥିଲା। ତେବେ ଏଯାଏ ଉକ୍ତ ବିଦ୍ୟାଳୟରେ ହଷ୍ଟେଲ ଖୋଲାହୋଇ ନ ଥିବା ବେଳେ ନାଲ୍‌କୋ ପକ୍ଷରୁ ଯୋଗାଇ ଦିଆଯାଇଥିବା ବସ୍‌ସେବା ବନ୍ଦ କରିଦିଆଯାଇଛି। ଦଶହରା ଛୁଟି ପରେ ମଙ୍ଗଳବାର ବିଦ୍ୟାଳୟ ଖୋଲିବାରୁ ପ୍ରଥମ ଦିନରେ ୨୦ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପସ୍ଥିତ ଥିଲେ। ଉକ୍ତ ବସ୍ ଉପରେ ନିର୍ଭର କରୁଥିବା ଉପରବାରାବନ୍ଧ, ତଳବାରାବନ୍ଧ, ଥୁରିଆ, ଟାଉପଦର, ଦେଓମାଳି ଆଦି ଗ୍ରାମର ଛକ ନିକଟରେ ବସ୍ ନ ପହଞ୍ଚିବାରୁ ଅପେକ୍ଷାକରି ଛାତ୍ରୀଛାତ୍ରମାନେ ଫେରିଯାଇଥିଲେ। ସୂଚନାଯୋଗ୍ୟ, ଉକ୍ତ ବସ୍ କୁନ୍ଦୁଲି ହାଟପଦାରୁ ସକାଳ ୮ଟାରେ ବାହାରି ଉପରୋକ୍ତ ସମସ୍ତ ଗ୍ରାମର ଛକରେ ଅପେକ୍ଷାରତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଆଣିଥାଏ।






# ଜାଲ୍ ପଟ୍ଟା ରଦ୍ଦ କଲା ପ୍ରଶାସନ

**କାଲିମେଲା ତହସିଲରେ ଜମି ଦୁର୍ନୀତି ଘଟଣା**

ମାଲକାନଗିରି,୧୧।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ତହସିଲ ଜମି ଦୁର୍ନୀତିର ତଦନ୍ତ ପରେ ପ୍ରଶାସନ ପୁଣି ୩୯ ଜଣଙ୍କ ଜାଲ ପଟ୍ଟା ରଦ୍ଦ କରିଛି। ଏହାପୂର୍ବରୁ ଜିଲାପାଳଙ୍କ ପତ୍ରସଂଖ୍ୟା ୧୦୧୩/୨୮।୭।୨୧ ଅନୁସାରେ ମିସ୍ କେସ୍ ମାଧ୍ୟମରେ ୧୦ ଜଣଙ୍କୁ ହସ୍ତାନ୍ତର କରାଯାଇଥିବା ୧୨ଟି ପ୍ଲଟକୁ ପ୍ରଶାସନ ରଦ୍ଦ କରିଥିଲା। କାଲିମେଲା ତହସିଲର ୬ଟି ସର୍କଲ ମଧ୍ୟରୁ କାଲିମେଲା ସର୍କଲରେ ଜାଲ୍ ପଟ୍ଟା ବଣ୍ଟନ କରାଯାଇଥିଲା। ତହସିଲ ପକ୍ଷରୁ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଜଙ୍ଗଲ ଜମି ପଟ୍ଟା, ବସୁନ୍ଧରା ଏବଂ ଅନ୍ୟାନ୍ୟ ଯୋଜନାର ପଟ୍ଟା ବଣ୍ଟନ କରାଯାଇଛି। ବଡ ଠିକାଦାର, କ୍ରସର ମାଲିକ, ଘରୋଇ ବସ ମାଲିକ, ପ୍ରତିଷ୍ଠିତ ବ୍ୟବସାୟୀ, ପେଟ୍ରୋଲଓ ଡିଜେଲ ପମ୍ପ ମାଲିକ, ଚାକିରିଆଙ୍କ ସହ ଗୋଟିଏ ପରିବାରକୁ ଦୁଇରୁ ଅଧିକ ପଟ୍ଟା ପ୍ରଦାନ କରାଯାଇଥିଲା। କାଲିମେଲା ପଞ୍ଚାୟତର ସାପ୍ତାହିକ ହାଟ ସ୍ଥଳ, ଓଡିଶା ଯବାନ ପାଇଁ ସଂରକ୍ଷିତ ଜମି, ପଞ୍ଚାୟତ ପାଇଁ ସଂରକ୍ଷିତ ଜମି, ବନ ବିଭାଗର ଭୈରବୀ ପାହାଡ ଭଳି ଜମିକୁ ହସ୍ତାନ୍ତର କରାଯାଇଥିଲା। ସରକାରୀ ନିୟମକୁ ଉଲ୍ଲଙ୍ଘନ କରାଯାଇ ତହସିଲ ପକ୍ଷରୁ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିଲା। ପରେ ପ୍ରଶାସନ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ତହସିଲଦାର ଆଲୋକ କୁମାର ଅନୁଗୁଳିଆଙ୍କ ସମେତ ଏନକ୍ରୋଚମେଣ୍ଟ ବିଭାଗ କିରାଣି ଦିବ୍ୟସିଂ ପାଇକରାୟ ଓ କାଲିମେଲା ସର୍କଲର ରାଜସ୍ୱ ନିରୀକ୍ଷକ ସୁରେଶ ପୁଜାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ମିସ୍ କେସ୍ ମାଧ୍ୟମରେ ୧୦ ଜଣଙ୍କୁ ପ୍ରଦତ ପଟ୍ଟା ରଦ୍ଦ କରାଯାଇଥିଲା। ଏହାର ଅଧିକ ତଦନ୍ତ ଜାରି ରହିଛି। ଜବର ଦଖଲ ମାମଲା ମାଧ୍ୟମରେ ୩୯ ଜଣଙ୍କୁ ପ୍ରଦାନ କରାଯାଇଥିବା ପଟ୍ଟା ମଧ୍ୟ ରଦ୍ଦ ହୋଇଛି। ରାଜେଶ୍ୱରୀ ପ୍ରଧାନ, କୁମୁଦନୀ ପ୍ରଧାନ, ଏନ୍. ରବି କୁମାର, କୈଳାସ ଚନ୍ଦ୍ର ସାମନ୍ତରାୟ, ସୁରେନ୍ଦ୍ର ଭୂଷଣ ପ୍ରଧାନ, ସୁକାନ୍ତି ଗୁରୁ, ବିଜୟ ବାରିକ, ବଲ୍ଲବିଦାସ, ସୀମାଞ୍ଚଳ ଦାସ, ଏ. ସନ୍ତୋଷୀ, ସେକ ମାଲତି, ସୁକାନ୍ତି ହରିଜନଙ୍କ ସମେତ ମୋଟ ୩୯ ଜଣଙ୍କ ପଟ୍ଟା ପ୍ରଶାସନ ରଦ୍ଦ କରିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ମୋଟ ୪୯ ଜଣଙ୍କ ପଟ୍ଟା ରଦ୍ଦ ହୋଇଛି। ଯେଉଁମାନେ ହାଇକୋର୍ଟରେ ଆବେଦନ କରିଛନ୍ତି ସେମାନଙ୍କ ବିଷୟ ବିଚରାଧୀନ ଥିବାରୁ ୨୦ରୁ ଅଧିକ ପଟ୍ଟା ରଦ୍ଦ ହୋଇପାରିନାହିଁ।

**ଜୁଆଆଡ୍ଡାରୁ ୨୨୯୬୦୯ ଟଙ୍କା ଜବତ**

ରାୟଗଡ଼ା ଅଫିସ-ପାର୍ବଣରେ ରାୟଗଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଜୁଆଆଡ୍ଡାରେ ଚଢ଼ାଉ କରି ୨୨୯୬୦୯ ଟଙ୍କା, ୨୩ ମୋବାଇଲ ଏବଂ ୩ ବାଇକ ଜବତ କରିଛି। ସେହିପରି ୧୩ ଟି ମାମଲା ରୁଜୁ କରାଯାଇ ୫୮ ଜଣଙ୍କ ନାଁରେ ନୋଟିସ କରାଯାଇଛି। ଏ ନେଇ ମଙ୍ଗଳବାର ଏସ୍‌ପି ବିବେକାନନ୍ଦ ଶର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୧୩ ଜଣଙ୍କ ନାଁରେ ମାମଲା

ତେନ୍ତୁଲିଖୁଣ୍ଟି,୧୧।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଖାତିଗୁଡ଼ା ପୋଲିସ ସୋମବାର ରାତିରେ ଲକିଗୁଡ଼ା ଗ୍ରାମରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉକରି ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୭୩୦ ଟଙ୍କା ଏବଂ ତାସ୍ ଜବତ କରାଯାଇଛି। ଏ ନେଇ ଖାତିଗୁଡ଼ା ଥାନାରେ ୯୦/୨୨ ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଫଟାଗୁଡ଼ା ଗ୍ରାମରେ ଏକ ଜୁଆଆଡ୍ଡାରେ ଚଢ଼ାଉ କରାଯାଇ ୪ ଜଣଙ୍କ ନାମରେ ମାମଲା ରୁଜୁ କରାଯବା ସହ ୮୧୬୦ ଟଙ୍କା ଜବତ କରାଯାଇଛି। ଏ ନେଇ ୯୧/୨୨ ରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ଦୁଇ ଜୁଆଆଡ୍ଡାରୁ ଅନ୍ୟ କେତେଜଣ ଜୁଆଡ଼ି ଖସି ଚାଲିଯାଇଥିବା ପୋଲିସ ପ୍ରକାଶ କରିଛି। ଖାତିଗୁଡ଼ା ଆଇଆଇସି ଦୀପକ ଲେଙ୍କାଙ୍କ ଦୁଇଦିନ ଧରି ଲଗାତର ଜୁଆଆଡ୍ଡାରେ ଚଢ଼ାଉ କରି ୨୫ ଜଣଙ୍କ ନାମରେ ମାମଲା ରୁଜୁ କରିଥିବାରୁ ଜୁଆ ଖେଳୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ମୋହରାରେ ମୁସଲମାନ ଧର୍ମସଭା

ଚନ୍ଦାହାଣ୍ଡି,୧୧।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ଜାମା ମସ୍‌ଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ପ୍ରଦେଶରୁ ଆସିଥିବା ଧର୍ମଗୁରୁ ମୁଫ୍ତି ଅଖ୍‌ତର ହୁସେନ୍ ଆଲ୍‌ମି ଓ କାରୀ ଜୈନୁଦ୍ଦିନ ହବିବ୍ ଯୋଗଦେଇ ମହାପୁରୁଷ ମହମ୍ମଦଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। କୋଲକାତାରୁ ସାୟରେ ଇସଲାମ ଅସଦ ଇକ୍‌ବାଲ ଓ ଆଫ୍‌ତାବ ରେହେବର ଯୋଗଦେଇ ମହାପୁରୁଷ ମହମ୍ମଦଙ୍କ ବାଣୀକୁ କବିତା ମାଧ୍ୟମରେ ପାଠ କରି ସମସ୍ତଙ୍କ ମନ ମୋହିଥିଲେ। ଏହି ଅବସରରେ କୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୋହରା ସୁନ୍ନି ମୁସଲିମ କମିଟିର ସଭାପତି ସୁଲତାନ ଅଲ୍ଲୀ, ସମ୍ପାଦକ ମହମ୍ମଦ ସକିଲ, ଉପସଭାପତି ମୁରାଦ ଅଲ୍ଲୀ, କୋଷାଧକ୍ଷ ମହମ୍ମଦ ଇଲିୟାସ, ମୌଲାନା ସଲମାନ ରଜା ହବିବ୍, ମହମ୍ମଦ ୟୁନୁସ, ଅବଦୁଲ ହମିଦ, ହାଜି ମହମ୍ମଦ ରଫିକ୍, ମହମ୍ମଦ ହନିଫ୍, ମହମ୍ମଦ ସଫିକ୍, ଅବଦୁଲ ମଜିଦ୍, ଅବଦୁଲ କୟୁମ୍, ମହମ୍ମଦ ରିଜାୱାନ୍, ନାସିର ଉଲ୍ଲା ସୁଫୀ, ମହମ୍ମଦ ହନିଫ୍ ହିଙ୍ଗୋରା, ମହମ୍ମଦ ଅସଲମ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇନଜୀବୀଙ୍କ ବିୟୋଗ, କୋର୍ଟ କାର୍ଯ୍ୟ ବନ୍ଦ



ନବରଙ୍ଗପୁର/ଉମରକୋଟ,୧୧।୧୦ (ବି.ପ୍ର./ସ୍ୱ.ପ୍ର.)- ନବରଙ୍ଗପୁର ଆଇନଜୀବୀ ସଂଘର ସଦସ୍ୟ ତପନ କୁମାର ପରିଚ୍ଛାଙ୍କ ବିୟୋଗରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜିଲା ଅଦାଲତ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସଭାପତି ନରସିଂହ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଜିଲାଜଜ୍ ସଞ୍ଜୀବ ଦୁବେ, ପରିବାର ଅଦାଲତ ବିଚାରପତି ଡ. ମୁନରାଣୀ ମିଶ୍ର, ଅତିରିକ୍ତ ଜିଲାଜଜ୍(ପୋକ୍‌ସୋ) ପ୍ରଣତି ଶାହା, ଅତିରିକ୍ତ ଜିଲାଜଜ୍ ଆଡ୍‌ହକ ସଞ୍ଜୟ କୁମାର ସାହୁ, ଅତିରିକ୍ତ ଜିଲାଜଜ୍ ଶିବ ପ୍ରସାଦ ମିଶ୍ର, ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ଡିଏଲ୍‌ଏସ୍‌ଏର ସମ୍ପାଦକ ଜନକ ରାଉତ, ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ଏସଡିଜେଏମ୍ ପ୍ରଜ୍ଞା ପଣ୍ଡା ଓ ଜିଲା ଆଇନଜୀବୀ ସଂଘ ଉପସଭାପତି ବିଧୁ ଶେଖର ତ୍ରିପାଠୀ ମଞ୍ଚାସୀନ ଥିଲେ। ଅମର ଆତ୍ମାଙ୍କ ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ନବରଙ୍ଗପୁର ଜିଲା କୋର୍ଟ ସମେତ ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ଓ ଝରିଗାଁ କୋର୍ଟ ଦିନକ ପାଇଁ ବନ୍ଦ ରଖାଯାଇଥିଲା। ଉମରକୋଟ ଠାରେ ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଶାନ୍ତନୁ କୁମାର ବାହିନିପତି, ପୂର୍ବତନ ସଭାପତି ଝାଡ଼େଶ୍ୱର ମହାନ୍ତି, ଅରୁଣ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ବହୁ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

### ମଦ ଚାଲାଣ ବେଳେ ୨ ଗିରଫ

ଜୟପୁର, ୧୧।୧୦ (ନି.ପ୍ର.)-ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣେ ମହିଳାଙ୍କ ସହ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ହାଟପଦାର ଗୋମତି ହରିଜନ ଓ ନୂଆସାହିର ଟି.ସୀମାଞ୍ଚଳ । ସେମାନଙ୍କଠାରୁ ଚୋରା ମଦ ଜବତ କରାଯାଇଛି।

# କମ୍ ବୟସରେ ବିବାହ ନ କରି ପାଠ ପଢ଼ିବାକୁ ପରାମର୍ଶ

**ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ**

ରାୟଗଡ଼ା ଅଫିସ,୧୧।୧୦

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ବାଳିକା ଦିବସ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ୱଧା ଦେବ ସିଂ, ଡିଇଓ ପୂର୍ଣ୍ଣଚନ୍ଦ୍ର ବାରିହା, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଅର୍ଚ୍ଚନା ପଟ୍ଟନାୟକ, ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ି ସଫଳତା ହାସଲ କରିବାକୁ ମାର୍ଗଦର୍ଶନ କରିଥିଲେ। ସେହିପରି ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମରେ ବାଳିକା ଦିବସ ପାଳନ କରାଯାଇଛି। ଜିଲାର ସମସ୍ତ ୧୯୪୭ଟି ଅଙ୍ଗନୱାଡି କେନ୍ଦ୍ରରେ କିଶୋରୀମାନଙ୍କ ଉପସ୍ଥିତିରେ ଏହି ଦିବସ ପାଳନ କରାଯାଇଥିଲା।

କିଶୋରୀଙ୍କ ଦ୍ୱାରା ନିଜ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ବୈଠକ, ରାଲି, ଚିତ୍ର, ଗୀତ, ନାଚ ମାଧ୍ୟମରେ ଏହି ଦିବସ ପାଳନ କରାଯାଇଥିଲା। କମ ବୟସରେ ବିବାହ କଲେ ଜଣେ ନାରୀର ସ୍ୱପ୍ନ ପୂରଣ ହୁଏନାହିଁ। ଏହାଦ୍ୱାରା ପରିବାରର ବୋଝ ବଢ଼ିଥାଏ। ତେଣୁ କମ ବୟସରେ ବିବାହ ନ କରି ପାଠପଢ଼ି ନିଜ ଭବିଷ୍ୟତ ଗଠନ କରିବାକୁ ଏଠାରେ କିଶୋରୀମାନଙ୍କୁ ସଚେତନ କରାଯାଇଥିଲ। ଏବେ ରାଷ୍ଟ୍ରପତି, ବୈଜ୍ଞାନିକ, ଡାକ୍ତର, ବିଚାରପତି, ଜିଲାପାଳ, ବିଡିଓ, ଅଙ୍ଗନୱାଡି କର୍ମୀ ଭାବେ ମହିଳାମାନେ ଦେଶରେ ଉଦାହରଣ ପାଲଟିଛନ୍ତି। ତେଣୁ ସମାଜର ସ୍ତରରେ ଏହି ବାର୍ତ୍ତା ପହଞ୍ଚାଇବା ଆବଶ୍ୟକ ବୋଲି ବୋଲି ମତ ପ୍ରକାଶ ପାଇଥିଲା। ଗ୍ରାମ ସ୍ତରରେ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ଆଶା କର୍ମୀଙ୍କ ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଜିଲା ସ୍ତରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଆଇସିଡିଏସ୍ କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢ଼ୀ, ଆକ୍ସନ ଏଡ୍ ପକ୍ଷରୁ ବାଲ୍ୟ ବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମର ତଦାରଖ କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଛାତ୍ରୀମାନେ ।

# ଖଣ୍ଡିଆଗୁଡ଼ାରେ ୧୩ ଦିନରେ ୬ ଜଣଙ୍କ ମୃତ୍ୟୁ

- ସ୍ପଷ୍ଟ ହେଉନି କାରଣ
- ମଦ ନ ପିଇବାକୁ ସଚେତନତା
- ପ୍ରଶାସନ ନ ଚେତିଲେ ଅନ୍ଧବିଶ୍ୱାସର ପରିଣତି ଭୟଙ୍କର ଆଶଙ୍କା

ତେନ୍ତୁଲିଖୁଣ୍ଟି,୧୧।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆଗୁଡ଼ା ଗ୍ରାମରେ ୧୩ ଦିନ ମଧ୍ୟରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମୃତ୍ୟୁର କାରଣ ମସ୍ପଷ୍ଟ ହୋଇ ନ ଥିବାବେଳେ ମଦ୍ୟପାନ କାରଣରୁ ମୃତ୍ୟୁ ଘଟିଥିବା ଗାଁରେ ଆଲୋଚନା ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗାଁରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିନି। ଗାଁରେ ଲୋକଙ୍କ ମୃତ୍ୟୁ ସଂଖ୍ୟା ବଢ଼ୁଥିବାବେଳେ କାରଣ ବିଷାକ୍ତ ମଦ ନାଁ ଅନ୍ୟ କିଛି ତାହାର ତଦନ୍ତ ହେବା ଜରୁରୀ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହାକୁ ନେଇ ଗ୍ରାମବାସୀ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଥିବା ଦୃଷ୍ଟିକୁ ଆସିଛି। ଗାଁରେ ଥିବା ଦେବୀ, ଦେବତାଙ୍କ ପୂଜାବିଧି ଠିକ୍‌ରେ ହେଉ ନ ଥିବା କାରଣରୁ ଏଭଳି ପରିସ୍ଥିତି ଉପୁଜିଥିବା ଗ୍ରାମବାସୀଙ୍କ ମନରେ ସନ୍ଦେହ ପଶିଲାଣି। ବୈଠକ କରି ଗାଁକୁ ଭଲ ଦିଶାରୀ ଆଣି ପୂଜା କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଖଣ୍ଡିଆଗୁଡ଼ା ପରଜା ସାହିରେ ୬୦ ପରିବାର ବସବାସ କରୁଛନ୍ତି। ତେବେ ୧୩ ଦିନ ମଧ୍ୟରେ ଉକ୍ତ ସାହିରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେପ୍ଟେମ୍ବର ୨୯ ରେ ପ୍ରଥମେ ଚନ୍ଦ୍ରମା ଜାନୀ(୬୬)ଙ୍କ ମୃତ୍ୟୁ ଘଟିଥିଲା। ପରେ ଅକ୍ଟୋବର ୧ ରେ ସାହିର ଗୋରୀ ଜାନୀ(୪୮), ୫ ରେ କୁସମତି ଜାନୀ(୩୦), ୯ ରେ ସୋନୁ ଜାନୀ(୭୦) ଏବଂ ମଙ୍ଗଳବାର ବୁଦାଇ ଜାନୀ(୬୫)ଙ୍କ ମୃତ୍ୟୁ ଘଟିଛି। ସମସ୍ତ ମୃତକ ଗୋଟିଏ ସାହିର ହୋଇଥିବାରୁ ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସେହିପରି ଦିନେ ଦୁଇଦିନ ବ୍ୟବଧାନରେ ଲୋକଙ୍କ ମୃତ୍ୟୁ ଘଟିବା ଚର୍ଚ୍ଚାର ବିଷୟ ହୋଇଛି। ସମସ୍ତ ମୃତକଙ୍କ ଡାକ୍ତରଖାନା ଯାଇଥିବାବେଳେ ସେମାନଙ୍କ ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ଏଭଳି ପରିସ୍ଥିତିରେ ସୋମବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁକୁ ଯାଇ କେବଳ ମଦ ନ ପିଇବା ପାଇଁ ସଚେତନ କରି ଫେରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ଶୋଭା ନାୟକ, ପିଇଓ ଏବଂ ସମିତିସଭ୍ୟା ମଧୁସ୍ମିତା ପାଣିଗ୍ରାହୀ ଗାଁକୁ ଯାଇ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଟଙ୍କା ଦେଇ କାମ ସାରିଥିବା ଜଣାପଡ଼ିଛି। ଶୀଘ୍ର ପ୍ରଶାସନ ନ ଚେତିଲେ ଏବଂ ମୃତ୍ୟୁର କାରଣ ନ ଖୋଜିଲେ ଗାଁରେ ଅନ୍ଧବିଶ୍ୱାସର ପରିଣତି ମଧ୍ୟ ଭୟଙ୍କର ହେବା ଆଶଙ୍କା ରହିଥିବା ନେଇ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି।

# ପଦ୍ମପୁରରେ ଜିମ୍ ଉଦ୍‌ଘାଟନ କଲେ ମନ୍ତ୍ରୀ ବିଏସ୍‌କେୱାଇ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୧୧।୧୦(ଡି.ଏନ୍.ଏ.)

ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ବିଏସ୍‌କେୱାଇର ଉପଦେଷ୍ଟା ସୁଧୀର କୁମାର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମଙ୍ଗଳବାର ରାୟଗଡ଼ା ଜିଲା ପଦ୍ମପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଦ୍ମପୁର ଠାରେ ଏକ ଜିମ୍ ସେଣ୍ଟରକୁ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ରୂପେ ବିଏସ୍‌କେୱାଇ ଉପଦେଷ୍ଟା, ଗୁଣପୁର ବିଧାୟକଙ୍କ ସମେତ ଜିଲା ବିଜେଡି ସମ୍ପାଦକ ଗଗନ ବିହାରୀ ଆଚାର୍ଯ୍ୟ, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ଜିଲା ଉପସଭାପତି ରଞ୍ଜିତ କୁମାର ପାଣିଗ୍ରାହୀ, ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ପ୍ରଶାନ୍ତ କୁମାର ଦଳେଇ, ଜିଲା ଯୁବ ସମ୍ପାଦକ ରମାକାନ୍ତ ମାଝି, ଜିଲା ଛାତ୍ର ଜନତା ଦଳର ସମ୍ପାଦକ ରାମ ପ୍ରସାଦ, ଦଳୀୟ ନେତା ଦୁର୍ଗା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମପୁର ବ୍ଲକ ବିଜେଡି ପକ୍ଷରୁ ମୁଟୁକିପଦର ଠାରେ ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଅତିଥିମାନେ ଜାତିଲି ଠାରେ ଗଜଲକ୍ଷ୍ମୀ ପୂଜା ଓ ନାନ୍ଦିଆମା ପୂଜାରେ ଯୋଗ ଦେଇଥିଲେ। ଆଖୁସିଂ ପଞ୍ଚାୟତରେ ତିନି ନେତାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନେତ୍ରାନନ୍ଦ କୈବର୍ତ୍ତ, ରମେଶ ସାହୁ, ପ୍ରଶାନ୍ତ ସାହୁ, ରଞ୍ଜିତ, ବ୍ରଜସୁନ୍ଦର ପାଣିଗ୍ରାହୀ, ରଘୁନନ୍ଦନ ନାୟକ, କୈଳାସ କ୍ରାସ୍କା, ପ୍ରକାଶ କଣ୍ଡାଗିରି, ଦିଗାମ୍ବର ଦାସଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ଲକ୍ଷ୍ମୀ



@ ମିଲନ



@ ସିଦ୍ଧାର୍ଥ



@ ଶୁଭସ୍ମିତା



@ ଅଶୋକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତହସିଲଦାରଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା

ନନ୍ଦାହାଣ୍ଡି,୧୧।୧୦,(ଡି.ଏନ୍.ଏ.)

ଅତିରିକ୍ତ ଶାସନ ସଚିବ ଏବଂ ନବରଙ୍ଗପୁର ଜିଲାପାଳଙ୍କ ନିର୍ଦ୍ଦେଶରେ ନନ୍ଦାହାଣ୍ଡି ତହସିଲଦାର ଏ. ସ୍ନେହଲତାଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ବିଭାଗର ବିଭିନ୍ନ ପ୍ରକ୍ରିୟା ବିଷୟରେ ଗ୍ରାମବାସୀଙ୍କୁ ବୁଝାଇବା ପାଇଁ ମଙ୍ଗଳବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ୧୯୬୦ ରୁ ୧୯୯୦ ମଧ୍ୟରେ ଅନେକ ଗ୍ରାମର ସେଟଲମେଣ୍ଟ ବା ଥଇଥାନ କାର୍ଯ୍ୟକ୍ରମ କରାଯାଇଥିଲା। ଏବେ ବହୁ ରୟତ ଯେଉଁମାନଙ୍କ ନାମ ଖାତିୟାନ ପଟ୍ଟାରେ ଉଲ୍ଲେଖ ଥିଲା ସେମାନଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମ ସଂଶୋଧନ କରାଯାଇନାହିଁ। ଏହିଭଳି ବହୁ ଜମାବନ୍ଦୀ ଖାତିୟାନକୁ ଓଡ଼ିଶା ଭୂସଂସ୍କାର ଆଇନ ୧୯୬୦ର ଧାରା ୧୯(ଗ) ଅନୁଯାୟୀ ଆପୋଷ ବୁଝାମଣାରେ ଭାଗବଣ୍ଟା କରିବା ପାଇଁ ଗ୍ରାମବାସୀଙ୍କୁ ତହସିଲଦାର ବୁଝାଇଛନ୍ତି। ଏଥିପାଇଁ ଖାତିୟାନର ଖାତା-୨ ସଂଶୋଧନ ପ୍ରକ୍ରିୟା ମାଧ୍ୟମରେ ରେକର୍ଡ ସଂଶୋଧନ କରାଯାଇ ମୃତ ରୟତ/ଖାତାଦାରଙ୍କ ନାମକୁ ଖାରଜ କରି ତାଙ୍କ ଉତ୍ତରାଧିକାରୀଙ୍କ ନାମ ଦାଖଲ କରିବା ପାଇଁ ଦରଖାସ୍ତ କରିବାକୁ ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଜମାବନ୍ଦୀ ଖାତିୟାନରେ ଥିବା ଜମିକୁ ଆପୋଷ ବୁଝାମଣାରେ ଭାଗବଣ୍ଟା କରି ପଟ୍ଟାକୁ ପୃଥକ କରିବା ପାଇଁ ଆବେଦନ କରିବା ନିମନ୍ତେ ଅନୁରୋଧ କରାଯାଇଛି। ଅଗାମୀ ଦିନରେ ନବରଙ୍ଗପୁର ଠାରୁ ଦହଣା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୫ କିଲୋମିଟର ରାସ୍ତାର ପ୍ରଶସ୍ତିକରଣ ହେବାକୁ ଥିବାବେଳେ ଆବଶ୍ୟକ କରୁଥିବା ଜାଗା ସରକାରଙ୍କୁ ଯୋଗାଇବାରେ ସହଯୋଗ କରିବା ପାଇଁ ମଧ୍ୟ ଗ୍ରାମବାସୀଙ୍କୁ ତହସିଲଦାର ଅନୁରୋଧ କରିଛନ୍ତି। ସେହିପରି ରାଜସ୍ୱ ମାମଲା ଗୁଡ଼ିକର ଫଇସଲା ନିମନ୍ତେ ଅଗାମୀ ଦିନରେ ଗାଁରେ କ୍ୟାମ୍ପ କୋର୍ଟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଆର୍‌ଆଇ, ସୁପରଭାଇଜର ମହମ୍ମଦ ଜାଭେଦ ଅଖତର, ଆର୍‌ଆଇ ବିଶ୍ୱଜିତ ଦାଶ ଉପସ୍ଥିତ ଥିଲେ।

# ବହୁମୁଖୀ ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ ଆରମ୍ଭ

ଉମରକୋଟ,୧୧।୧୦(ସ୍ୱ.ପ୍ର.)

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ଉମରକୋଟ ବ୍ଲକ ଭାମିନି ପଞ୍ଚାୟତର ବାଟିବେଡ଼ା ସ୍ଥିତ ବହୁମୁଖୀ ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଆରମ୍ଭ ହୋଇଛି। ୭ଦିନ ଧରି ହେବାକୁ ଥିବା ଆଶ୍ରୟସ୍ଥଳୀ ସ୍ତରୀୟ ତାଲିମ ଶିବିରରେ ୨୫ ପରିଚାଳନା କମିଟିର ସଦସ୍ୟ ଏବଂ ୨୫ ସନ୍ଧାନ ଓ ଉଦ୍ଧାରକାରୀ ଦଳ ସଦସ୍ୟଙ୍କୁ ତାଲିମ ଦିଆଯିବ। ସ୍ୱେଚ୍ଛାସେବୀ ସଙ୍ଗଠନ ସାହାରା ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ସାହାରା ସଂସ୍ଥା ପକ୍ଷରୁ ରିସୋର୍ସ ପର୍ସନ ଭାବେ ଅଶୋକ ପ୍ରଧାନ ଓ ରମେଶ ପଣ୍ଡା ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି।

ବାତ୍ୟା, ବନ୍ୟା, ବଜ୍ରପାତ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର କିଭଳି ମୁକାବିଲା କରାଯିବ ଏବଂ କିଭଳି ଧନଜୀବନ ହାନିକୁ ରୋକିହେବ ସେ ନେଇ ତାଲିମ ଦିଆଯିବ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗର ହିମାଂଶୁ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ବିଡିଓ ହିମାଞ୍ଚଳ ମାଝି, ଜିଲା ପରିଷଦ ସଦସ୍ୟ ଚନ୍ଦନ ରାଏ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଂଗ୍ରାମ ପଟ୍ଟନାୟକ, ପୁନିତରାମ ଗଣ୍ଡ, ସ୍ୱେଚ୍ଛାସେବୀ ସଙ୍ଗଠନ ସାହାରା ପକ୍ଷରୁ ମନୋଜ କୁମାର ଧଳ, ବିଜେଡି ନେତା ଦେବୀ ସିଂ ମାଝି, ସ୍ୱତନ୍ତ୍ର ତାଲିମ ପ୍ରଦାନକାରୀ ତ୍ରିଲୋଚନ ପ୍ରଧାନ, ଅଶୋକ ରାଉଳ, ଭାମିନି ସରପଞ୍ଚ, ବନ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ନରସିଂହ ପାଣ୍ଡେଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଡିସେମ୍ବର ୧୦ରୁ ଲୋକ ମହୋତ୍ସବ ମଣ୍ଡେଇ

- ୩ ଦିନ ମଣ୍ଡେଇ, ୫ଦିନ ପଲ୍ଲିଶ୍ରୀ ମେଳା
- ଚଳିତ ଥର ମଣ୍ଡେଇ ମଞ୍ଚ ନାଟକ ମହୋତ୍ସବ

ନବରଙ୍ଗପୁର୧୧।୧୦(ବି.ପ୍ର.)

ଚଳିତ ବର୍ଷ ଡିସେମ୍ବର ୧୦ରୁ ୧୨ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ-୨୦୨୨ ପାଳନ କରାଯିବ। ସେହିପରି ୧୦ରୁ ୧୪ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। କରୋନା ଯୋଗୁ ୨ ବର୍ଷ ଧରି ଏହି ଲୋକ ମହୋତ୍ସବ ବନ୍ଦ ଥିବାବେଳେ ଏଥର ମହୋତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ଏ ନେଇ ଜିଲାପାଳ କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସବ ପାଳନ ନେଇ ଆଲୋଚନା କରିଥିଲେ। ଏମ୍‌ପି ଓ ବିଧାୟକଙ୍କ ସହ ଆଲୋଚନା ପରେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଦିବସରେ କେଉଁମାନେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ସେ ନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଛି।

ନବରଙ୍ଗପୁର ବ୍ଲକ ଅଧୀନ ବାସିନୀ ପଞ୍ଚାୟତ ଅନ୍ତର୍ଗତ ବେତାଳ ଗ୍ରାମ ସ୍ଥିତ ମାଁ ଭଣ୍ଡାରଘରଣୀ ଶକ୍ତିପୀଠରୁ ନଭେମ୍ବର ୨୯ ରେ ମଣ୍ଡେଇ ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ ହେବ। ମଣ୍ଡେଇ ଉଦ୍‌ଘାଟନି ଦିବସ ଅପରାହ୍ନରେ ବିଭିନ୍ନ ସ୍ଥାନରୁ ଆସିଥିବା ଦେବୀ ଲାଠି, ଚୌକି, ଡିମାଡିମାଣି ଶୋଭାଯାତ୍ରା ନବରଙ୍ଗପୁର ଭଣ୍ଡାରଘରଣୀ ମନ୍ଦିରରୁ ବାହାରି ମଣ୍ଡେଇ ପଡ଼ିଆକୁ ଯିବେ। ସେଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ପଲ୍ଲୀଶ୍ରୀ ମେଳା ଓ ମଣ୍ଡେଇ ମହୋତ୍ସବ ଉଦଘାଟନ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅଭ୍ୟର୍ଥନା କମିଟି, ଖାଦ୍ୟ, ସ୍ମରଣିକା, ପ୍ରଚାର ପ୍ରସାର, ଅର୍ଥ, ମଞ୍ଚନାଟକ କମିଟି, ପୁରସ୍କାର, ଶୋଭାଯାତ୍ରା, ସ୍ୱେଚ୍ଛାସେବୀ କମିଟି ଭଳି ୧୬ଟି ବିଭିନ୍ନ କମିଟି ଗଠନ କରାଯାଇଛି। ୨ବର୍ଷ ପରେ ମହୋତ୍ସବ ପାଳନ ହେଉଥିବାରୁ ପୂର୍ବାପେକ୍ଷା ଭିଡ଼ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ମଣ୍ଡେଇ ପଡ଼ିଆରେ ୩୨୪ ଷ୍ଟଲ ହେଉଥିବା ବେଳେ ଚଳିତ ବର୍ଷ ୫୦୦ ଷ୍ଟଲ୍ ପ୍ରସ୍ତୁତ ପାଇଁ ସ୍ଥିର ହୋଇଛି। ସେହିପରି ଚଳିତ ଥର ମଣ୍ଡେଇ ମଞ୍ଚ ନାଟକ ମହୋତ୍ସବ ମଧ୍ୟ ହେବ। ତେବେ ଏ ନେଇ ଦିନ ଧାର୍ଯ୍ୟ କରାଯାଇନାହିଁ। ଅନ୍ୟପକ୍ଷରେ ୧୦ ବର୍ଷ ହେଲା ମଣ୍ଡେଇ ସମ୍ମାନ ପ୍ରଦାନ କରାଯାଇ ନ ଥିବାବେଳେ ଚଳିତ ବର୍ଷ ମଣ୍ଡେଇ ସମ୍ମାନ ପ୍ରଦାନ ନିମନ୍ତେ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାର ବିଚାର କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରାସ୍ତା ଚଉଡ଼ା ସହ ମଣ୍ଡେଇ ସମୟରେ ୱାନ୍ ୱେ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଉତ୍ସବ ସମୟରେ ରାସ୍ତାକଡ଼ରେ ଉଠାଦୋକାନୀ ବସିବେ ନାହିଁ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦିଆଯିବ। ଅଗ୍ନିପୁର ପଞ୍ଚାୟତରେ ପାର୍କିଂ ବ୍ୟବସ୍ଥା ସହ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯିବ। ବୈଠକରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ଜିଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ, ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ସାହୁ , ପୌରାଧ୍ୟକ୍ଷ କୁନୁ ନାୟକ, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ମିଲ୍ ମାଲିକ ସଂଘ, ବଣିକ ସଂଘ, ସ୍ଥାନୀୟ ବରିଷ୍ଠ କଳାକାର, ଆଇନଜୀବୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୀଳକଣ୍ଠ ନାୟକ ଏବଂ ଏ. ସନ୍ତୋଷ ସହଯୋଗ କରିଥିଲେ।




ବୈଠକରେ ଜିଲାପାଳ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

